# Akashvani, Sambalpur

## SAMBALPURI NEWS EVENING BULLETIN

## 8 August 2026-7.02- 7.12 pm.

---

୧- ସାରା ରାଏଜେ ଆଏବାକାଏଲ୍ ଠାନୁ ମୁଲ୍ ହେବା ହର୍ ଘର୍ ତ୍ରିରଙ୍ଗା ଅଭିଯାନ୍ ।

୨- ନିବେଶକ ସମ୍ମିଳନୀର ଦୁଇ ନମ୍ବର୍ ଦିନେ ଅଲ୍‌ଗା ଅଲ୍‌ଗା ଶିଳ୍ପ ସଂସ୍ଥାର ପ୍ରତିନିଧିମାନକର୍ ସାଙ୍ଗେ ନୂଆଦିଲ୍ଲୀ ନ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ ।

- କହିଲେ, ରାଏଜେ ପ୍ରତିଯୋଗିତାମୂଳକ ଶିଳ୍ପ ଭିତିଭୂମି ତିଆରି କର୍‌ବାର୍ ଲାଗି ସରକାର ସଂକଳ୍ପବଦ୍ଧ ।

୩- ରାଏଜେ ସ୍ନାତକୋତର ପାଠ୍ୟକ୍ରମ୍‌ଥି ଆଏଜ୍‌ଠାନୁ ନାଁ ଲେଖା ହେଲା ମୁଲ୍ ।

୪- ସଡ଼କ ଦୁର୍ଘଟଣା ଅଟ୍‌କାବାର୍ ଲାଗି ଫି' ୧୦୦ କିଲୋମିଟର୍‌ଥି ଗୋଶାଲା ତିଆର୍ କରବେ ରାଜ୍ୟ ସରକାର୍ ।

ଆଉର୍

୫- ଲଘୁଚାପ ପ୍ରଭାବରୁ ରାଜ୍ୟର ୪ଟା ଜିଲ୍ଲା ନ ଜବର୍ ବରଷା ହେବା ବଲି ସତର୍କ କଲା ପାଣିପାଗ କେନ୍ଦ୍ର ।

ହର୍ଘର୍ ତ୍ରିରଙ୍ଗା ଆଇ.ଆଣ୍ଡ୍.ପି.ଆର୍

ଚଲ୍ତି ବଛର୍ ସ୍ୱାଧୀନତା ଦିବସ୍ ପାଲନ୍ ଅବ୍ସରେ ଆଏବା କାଏଲ୍ଠାନୁ ୧୭ ତାରିଖ୍ତକ୍ ସାରା ରାଏଜେ ଘରେ ଘରେ ତ୍ରିରଙ୍ଗା ଅଭିଯାନ୍ ପାଲନ୍ କରାଯିବା । ଇ ଅଭିଯାନ୍କେ ସଫଲତାର୍ ସହେତେ ଆୟୋଜନ୍ କର୍ବାର୍ ଲାଗି ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ତର୍ଫୁ ଫି’ ଜିଲ୍ଲାକେ ଆର୍ଥିକ୍ ସାହାଜ୍ ଦିଆଯାଇଛେ । ଆଏବା କାଏଲ୍ କ୍ରୀଡ଼ା ଆଉ ଯୁବ ସେବା ବିଭାଗ୍ ତର୍ଫୁ ରାଜ୍ୟସ୍ତରୀୟ ତ୍ରିରଙ୍ଗା ରେଲି ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେବେ । ହାତୀଆସୁଣୀ ଗ୍ରାଉଣ୍ଡ୍ଠାନୁ ଲୁମ୍ବିନୀ ବିହାର୍ ରୋଡ୍ତକ୍ ଇ ରେଲି ଆୟୋଜିତ୍ ହେବା । ତ୍ରିରଙ୍ଗା ରେଲିଥି ସବୁ ସର୍କାରୀ ଅଧିକାରୀ ଯୁବବର୍ଗ ସ୍ୱେଚ୍ଛାସେବୀ ସଂଗଠନ୍, କ୍ରୀଡ଼ାବିତ୍, ଛାତ୍ରଛାତ୍ରୀ, ଏନ୍ସିସି ଆଉ ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀ ସହେତେ ଓଡ଼ିଶାର୍ ଜନସାଧାରଣ୍ ଯୋଗ୍ ଦେବେ । ସେନ୍ତା

ଜିଲ୍ଲାସ୍ତର୍ ନ ଭିଲ୍ ତ୍ରିରଙ୍ଗା ରେଲି କରାଯିବା । ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମ୍‌କେ ସଫଲ୍ କର୍‌ବାର୍ ଲାଗି ମିଶନ୍ ଶକ୍ତି ବିଭାଗ୍ ଅଧୀନ୍‌ଥି ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କର୍ ତର୍‌ଫୁ ୬୦ ଲାଖ୍ ଜାତୀୟ ପତାକା ତିଆର୍ କରାଯାଇକରି ସବୁ ଜିଲ୍ଲାମାନ୍‌କେ ଦିଆଯିବା ।

ଇ ଅବ୍‌ସରେ ସମ୍ବଲ୍‌ପୁର୍ ରିଜର୍ଭ ପୁଲିସ୍ ପଡ଼ିଆନୁ ଜେଲ୍‌ଛକ୍‌ତକ୍ ଆଏବା କାଏଲ୍ ହର୍ ଘର୍ ତ୍ରିରଙ୍ଗା ପଦଯାତ୍ରା ହେବା । ଇଥି ଯୋଗ୍ ଦେବାର୍‌କେ ପ୍ରଶାସନ୍ ତର୍‌ଫୁ ଲୁକ୍‌କୁ ଅନୁରୋଧ୍ କରାଯାଇଛେ ।

ମୁଖ୍ୟମନ୍ତ୍ରୀ - ଫୁଡ୍ ପ୍ରୋ ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ ମାଝୀ ଆଏଜ୍ ନୂଆଦିଲ୍ଲୀର୍ ଗ୍ରେଟର୍ ନୋଏଡ଼ାନେ ହେଇଥିବା ନିବେଶକ ସମ୍ମିଳନୀର ଦୁଇ ନମ୍ବର୍ ଦିନେ ଅଲ୍‌ଗା ଅଲ୍‌ଗା ଶିଳ୍ପ ସଂସ୍ଥାର ପ୍ରତିନିଧିମାନକର୍ ସାଙ୍ଗେ ଆଲୋଚନା କରିଛନ୍ । ରାଏଜେ ଶିଳ୍ପ ସହଯୋଗ ବଢ଼ାବାର, ନୂଆଁ ନିବେଶ, ରାସାୟନିକ ଆର୍ ପେଟ୍ରୋ କେମିକାଲ୍

କ୍ଷେତ୍ରକେ ମଜବୁତ୍ କରବାର ଉପରେ ମୁଖ୍ୟମନ୍ତ୍ରୀ ଜେଏସଏଲ, ଆଇଓସିଏଲ, ଜେଏସଡବ୍ଲ୍ୟୁ ଷ୍ଟିଲ୍ ଆର୍ ଟାଟା ଷ୍ଟିଲ୍ କମ୍ପାନୀର ଶିଳ୍ପ ପ୍ରତିନିଧିମାନକର୍ ସାଙ୍ଗେ ମତ ବିନିମୟ କରିଛନ୍ । ରାଏଜେ ସ୍ଥାୟୀ ଶିଳ୍ପ ଅଭିବୃଦ୍ଧି ଆର୍ ଜଲଦି ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଶିଳ୍ପ ଭିତିଭୂମି ତିଆରି କର୍ବାର୍ ଲାଗି ସରକାର୍ ସଂକଳ୍ପବଦ୍ଧ ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ଗଲାକାଏଲ୍ ଓଡ଼ିଶା ଫୁଡ୍ ପ୍ରୋ.-୨୦୨୬ ସମ୍ମିଳନୀଥି ଅଲ୍ଗା ଅଲ୍ଗା ଅନୁଷ୍ଠାନ ସାଙ୍ଗେ ୨୬ଟା ବୁଝାମଣାପତ୍ର ସ୍ୱାକ୍ଷର ହେଇଛେ । ପହେଲା ଦିନେ ରାଜ୍ୟ ସରକାର ୪୩ ହଜାର ୪୩୭ କୋଟି ଟଙ୍କାର ନିବେଶ ପ୍ରସ୍ତାବ ପାଇଛନ୍ । ଇଥିର୍‌ଲାଗି ପାଖାପାଖି ୪୩ ହଜାରନୁ ଅଏତ୍କା ଚାକିରି ସୁଯୋଗ ତିଆରି ହେବାର ସମ୍ଭାବନା ଅଛେ ।

‘ଜାତୀୟ ଗରିମା’ ସମ୍ମିଳନୀ ଆଇ.ଆଣ୍ଡ୍.ପି.ଆର୍

ଭୁବନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଆଏବା ୨୨ ତାରିଖ୍ ଦିନ ‘ଜାତୀୟ ଗରିମା’ ସମ୍ମିଳନୀ ହେବା । ସମ୍ମିଳନୀଥି

ଜାତୀୟସ୍ତର୍‌ର ନୀତି ବିଶେଷଜ୍ଞ, ସର୍‌କାରୀ ପଦାଧିକାରୀ, ପୌରସଂସ୍ଥାର୍ ପ୍ରତିନିଧି  ଯୋଗ୍ ଦେବେ । ଇତାର୍ ଆଘୋନୁ ରାଜ୍ୟ ସର୍‌କାର୍‌ଙ୍କର୍ ଗୃହ ଆଉ ନଗର୍ ଉନ୍ନୟନ୍ ବିଭାଗ୍ ତର୍‌ଫୁ ସ୍ୱଛତା କର୍ମଚାରୀମାନ୍‌କର୍ ମର୍ଯ୍ୟାଦା, ସୁରକ୍ଷା, ସ୍ୱାସ୍ଥ୍ୟ ଆଉ କଲ୍ୟାଣ୍‌କେ ସୁନିର୍ଶ୍ଚିତ୍ କର୍‌ବାର୍ ଲାଗି ସବୁ ପୌରାଂଚଲ୍‌ନ ୧୫ ଦିନିଆ 'ଆଇନଗତ ସଫେଇ-ସୁରକ୍ଷିତ୍ ସଫେଇ' ଅଭିଯାନ୍ ଗଲାକାଏଲ୍ ମୁଲ୍ କରାଯାଇଛେ ।

ପିଜି ନାଁଲେଖା        ଆର୍‌ଏନ୍‌ୟୁ/ କଟକ୍

ଉଚ୍ଚଶିକ୍ଷା ଅଧୀନ୍‌ଥି ସ୍ନାତକୋତର୍ ପାଠ୍ୟକ୍ରମ୍ ଲାଗି ଆଏଜ୍‌ଠାନୁ ନାଁଲେଖା ପ୍ରକ୍ରିୟା ମୁଲ୍ ହେଉଛେ । ଇଥିର୍‌ଲାଗି ମୋଟ୍ ୨୧ ହଜାର ୧୨୧ ଝନ୍ ଛାତ୍ରଛାତ୍ରୀଙ୍କୁ ବଛାଯାଇଛେ । ସ୍ନାତକୋତର ନାଁଲେଖା ଲାଗି ଭିନ୍ ଭିନ୍ ବିଭାଗ୍‌ଥି ମୋଟ୍ ୩୨ ହଜାର୍ ୫୬୩ଟା ସିଟ୍ ରହିଛେ । ଦୁଇ ନମ୍ବର୍ ପର୍ଯ୍ୟାୟ ମେଧା ତାଲିକା ୧୭ ତାରିଖ୍‌ଥି ବାହାର୍‌ବାର୍‌କେ ଥିବାର୍ ବେଲେ ଅଗଷ୍ଟ ୨୧ ତାରିଖ୍‌ନୁ ପାଠ୍‌ପଢ଼ା ମୁଲ୍ ହେବା ।

ଡିଜିଟାଲ୍ ପେମେଂଟ         ଆର୍‌ଏନ୍‌ୟୁ/ କଟକ୍

ଉପଭୋକ୍ତାମାନ୍‌କର୍ ଲାଗି ୟୁପିଆଇ ଜରିଏ ଲେନ୍‌ଦେନ୍ ବ୍ୟବସ୍ଥା ଦେୟମୁକ୍ତ ହେବା ବଲି ପେମେଂଟସ୍ କାଉନ୍‌ସିଲ ଅଫ୍ ଇଣ୍ଡିଆ ସୂଚ୍‌ନା ଦେଇଛେ । ଗୁଟେ ବିବୃତିଥି ପିସିଆଇ ତର୍‌ଫୁ କୁହାଯାଇଛେ, ଦେଶର୍ ଫି’ ନାଗରିକ୍ କେନ୍‌ସି ଶୁଳ୍କ ନାଇଁ ଦେଇକରି ଜଲ୍‌ଦି ଡିଜିଟାଲ୍ ପେମେଂଟ୍ କରିପାର୍‌ବେ । କ୍ଷୁଦ୍ର ବ୍ୟବସାୟୀମାନେ ଭିଲ୍ ଡିଜିଟାଲ୍ ପେମେଂଟ୍ ଗ୍ରହଣ୍ ଲାଗି କେନ୍‌ସି ଶୁଳ୍କ ନାଇଁ ଦିଅନ୍ ।

ସୂଚ୍‌ନା ଅନ୍‌ସାରେ, ୟୁପିଆଇର ବିଶ୍ୱସନୀୟତା ବଜାୟ ରଖିବାର୍ ଲାଗି ବେଙ୍କ୍, ଫିନ୍‌ଟେକ୍ କମ୍ପାନୀ, ଏନ୍‌ପିସିଆଇ ଆଉ ଭାରତୀୟ ରିଜର୍ଭ ବେଙ୍କ୍ ପ୍ରଯୁକ୍ତି, ସାଇବର୍ ସୁରକ୍ଷା ଆଉ ଠକେଇ ରୁକବାର୍ ଦିଗେ ନିବେଶ୍ କରୁଛନ୍ । ବ୍ୟବସାୟୀମାନ୍‌କର୍‌ନୁ ଆଦାୟ ହେଉଥିବା ଯେନ୍‌କେନ୍‌ସି ସେବାଶୁଳ୍କ ଗ୍ରାହକ୍‌ମାନ୍‌କର ଉପ୍‌ରେ ଲାଗୁ ହେଉଥିବା ଶୁଳ୍କ ନୁହେଁ ବଲି ପେମେଂଟ୍‌ସ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ ସ୍ପଷ୍ଟ କରିଛେ । ବଢୁଥିବା କାର୍‌ବାର୍‌କେ ନଜର୍‌ଥି ରଖିକରି

ୟୁପିଆଇର ସୁରକ୍ଷା, ଭିତିଭୂମି ଆଉ ନବସୃଜନ୍ କ୍ଷେତ୍ରଥି ନିରନ୍ତର୍ ନିବେଶ୍ ଦର୍କାର୍ ବଲି କୁହାୟାଇଛେ ।

ଶିକ୍ଷକ ନିୟୁକ୍ତି ଆର୍ଏନ୍ୟୁ/ କଟକ୍

୪ନେ ଲେଖା ଶିକ୍ଷକ୍ ଥିବାର୍ ପ୍ରାଥମିକ୍ ବିଦ୍ୟାଲୟମାନ୍କେ ଜଲ୍ଦି ଆଉ ୪ନେ ଶିକ୍ଷକ୍ ନିୟୁକ୍ତି ଦେବାର୍ ଲାଗି ଗଣଶିକ୍ଷା ବିଭାଗ୍ ତର୍ଫୁ ଜିଲ୍ଲାପାଲ୍ମାନ୍କୁ ନିର୍ଦ୍ଦେଶ୍ ଦିଆୟାଇଛେ । ଶିକ୍ଷା ଅଧିକାର୍ ଆଇନ୍-୨୦୦୯ ନିୟମାବଲୀ ଅନ୍ସାରେ, ପ୍ରାଥମିକ ବିଦ୍ୟାଲୟମାନ୍କେ ଧାରିଜ୍ ଶିକ୍ଷକ୍ ଆଉ ଛାତ୍ର ଅନୁପାତ୍ ଆଉ ସବୁନୁ କମ୍ ଶିକ୍ଷକ୍ ସଂଖ୍ୟାକେ ସୁନିଶ୍ଚିତ୍ କର୍ବାର୍ ଲାଗି ଜିଲ୍ଲାପାଲ୍ମାନ୍କୁ ଗଣଶିକ୍ଷା ବିଭାଗ୍ର ସଚିବ ଏନ୍.ତିରୁମାଲ୍ଲା ନାୟକ୍ ଚିଠି ଜରିଏ ଜନେଇଛନ୍ । ୧୫ ଦିନ୍ ଭିତ୍ରେ ସ୍କୁଲ୍ ମାନ୍କେ ଚିହ୍ନଟ୍ କରିକରି ଜଲ୍ଦି ପଦକ୍ଷେପ୍ ଲାଗି ନିର୍ଦ୍ଦେଶ୍ ଦିଆୟାଇଛେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ବନ୍ଦ ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ ଠାନେ ଆଏବା ସୋମ୍‌ବାର୍ ଦିନ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ମୁଖ୍ୟମନ୍ତ୍ରୀଙ୍କର୍ ଅଲ୍‌ଗା ଗୁରୁତ୍ୱପୂର୍ଣ୍ଣ କାମ୍ ଥିବାର୍‌ନୁ ଶୁଣାଣି ବନ୍ଦ୍ ରଖାଯାଇଛେ । ଆଏବା ଶୁଣାଣି ତାରିଖ୍ ଗଣମାଧମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଧର୍ମେନ୍ଦ୍ର ପ୍ରଧାନ-ରେଢାଖୋଲ ଆର୍‌ଏନ୍‌ୟୁ/ କଟକ୍

ବୃକ୍ଷ ପରିବେଶ୍‌କେ ସୁରକ୍ଷିତ୍ ରଖ୍‌ବାର୍ ସହେତେ ଆଏବା ପିଢ଼ି ଲାଗି ସୁସ୍ଥ ଆଉ ସୁନ୍ଦର୍ ଭବିଷ୍ୟତ୍ ତିଆରିକେ ସୁନିଶ୍ଚିତ୍ କର୍‌ସି ବଲି ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ସମ୍ବଲ୍‌ପୁର୍‌ର ରେଢ଼ାଖୋଲ୍ ନ ଆଏଜ୍ 'ମା' ଲାଗି ଗଛଟିଏ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ଶ୍ରୀ ପ୍ରଧାନ୍ କହିଛନ୍, ସଭେ ନିଜର୍ ମା'ର୍ ସମ୍ମାନ୍‌ଥି ଗୁଟେ ଗଛ୍ ଲଗେଇକରି ତାକେ ସୁରକ୍ଷା ଦେବାର୍ ସହେତେ ଧରିତ୍ରୀ ମା'କେ ଶାଗୁଆ ଆଉ ସୁନ୍ଦର୍ ରଖ୍‌ବାର୍ ଲାଗି ଚେଷ୍ଟା କର୍‌ବାର୍ ଜରୁରୀ । ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ

ପରିବେଶ୍‌ବିତ୍‌ମାନ୍‌କୁ ପରିବେଶ୍‌ର ସୁରକ୍ଷା ଉପ୍‌ରେ ଧ୍ୟାନ୍ ଦେବାର୍‌କେ ଶ୍ରୀ ପ୍ରଧାନ୍ ପରାମର୍ଶ ଦେଇଛନ୍ ।

ଦୁର୍ଘଟଣା-ଗାଇଗୋରୁ ଆର୍‌ଏନ୍‌ୟୁ/ କଟକ୍

ଗାଇଗୋରୁମାନ୍‌କର ଲାଗି ରାସ୍ତା ନ ଘଟୁଥିବା ଦୁର୍ଘଟଣାକେ ରୁକ୍‌ବାର୍ ଲାଗି ଫି’ ଶହେ କିଲୋମିଟର୍ ନ ଗୋଶାଲା ତିଆରି ଲାଗି ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ କହିଛନ୍ । ପରିବହନ୍ ବିଭାଗ୍ ତର୍‌ଫୁ ରାସ୍ତା ତରାନୁ ପଶୁମାନ୍‌କୁ ସ୍ଥାନାନ୍ତରିତ କରାଯିବା ଆଉ ପ୍ରାଣୀ ସମ୍ପଦ୍ ବିଭାଗ୍ ସେମାନ୍‌କର୍ ରକ୍ଷଣାବେକ୍ଷଣ୍ କର୍‌ବା । ଫି’ ବ୍ଲକ୍ ନ ଭିଲ୍ ଗୋଶାଲା ଖୁଲ୍‌ବାର୍ ଲାଗି ଯୋଜ୍‌ନା କରାଯାଉଥିବାର୍ ନେଇକରି ମନ୍ତ୍ରୀ ସୂଚ୍‌ନା ଦେଇଛନ୍ ।

ଆଦିବାସୀ ଦିବସ ଆର୍‌ଏନ୍‌ୟୁ/ କଟକ୍

ପୁର୍‌ଥିର୍ ପ୍ରାଚୀନ୍ ଜନଜାତି ସମୁଦାୟଙ୍କର୍ ଅଧିକାର୍ ଆଉ ସମ୍ମାନ୍‌ର ସୁରକ୍ଷାର୍ ଲାଗି ଫି’ ବଛର୍ ଆଝିର୍ ଦିନେ ବିଶ୍ୱ

ଆଦିବାସୀ ଦିବସ୍ ପାଲନ୍ କରାଯାଏସି । ଚଲ୍‌ତି ବଛର୍ ଇ ଦିବସର ବାର୍ତା ରହିଛେ- 'ଜନଜାତି ଦାତ୍ରୀଙ୍କୁ ସମ୍ମାନ-ଜୀବନ୍ ଆଉ କଲ୍ୟାଣ୍‌ର ସୁରକ୍ଷା' । ଆଦିବାସୀ ସମୁଦାୟଙ୍କର୍ ଭାଷା, ସଂସ୍କୃତି ପାରମ୍ପରିକ୍ ଜ୍ଞାନ୍, କଳା ଆଉ ପ୍ରାକୃତିକ୍ ସମ୍ପଦ୍ ଉପ୍‌ରେ ଅଧିକାର୍ ସହେତେ ସେମାନ୍‌କର୍ ସାମଗ୍ରିକ ବିକାଶ୍‌କେ ପ୍ରୋତ୍ସାହନ୍ ଦେବାର୍‌ଟା ଇ ଦିବସ୍ ପାଲନ୍‌ର ମୁଖିଆ ଉଦ୍ଦେଶ୍ । ଜନଜାତି ମାନ୍‌କର୍ ଅଧିକାର୍‌ର ସୁରକ୍ଷା, ପରମ୍ପରାର୍ ସମ୍ମାନ୍ ଆଉ ସମାଜ୍ ନ ସମାନ୍ ସୁଯୋଗ୍ ଦିଆୟିବାର୍ ଉଦ୍ଦେଶ୍‌ଥି ଆଜିର୍ ଦିନ ପାଲନ୍ କରାଯାଉଛେ ।

ଏସ୍‌ଆଇଆର୍ ବୌଦ୍ଧ ସମ୍ବାଦଦାତା

ରାଜ୍ୟ ସଚିବ ବି. ପରମେଶ୍ୱରନ୍ ଆଜି ବୌଦ୍ଧ ଜିଲ୍ଲା ନ ଏସ୍‌ଆଇଆର୍ କାମର ପ୍ରଗତି ଆଉ ଅଲଗା ଅଲଗା ବିଭାଗର ବିକାଶମୂଳକ କାମର ସମୀକ୍ଷା କରିଛନ୍ । ଆଏବା ୧୦ ତାରିଖ୍ ତକ୍ ସବୁ ଦାବି ଆଉ ଆପତି ଶୁଣାଣି କାମ ସାରବାର୍ ଲାଗି ସେ ଅଧିକାରୀମାନକୁ ନିର୍ଦ୍ଦେଶ ଦେଇଛନ୍ । ଜିଲ୍ଲାପାଳଙ୍କର୍ ସଦଭାବନା ସଭାଗୃହନେ ହେଇଥିବାର ଇ

ସମୀକ୍ଷା ବୈଠକରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ, ସବୁ ERO, AERO ଆଉ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

ରବୀନ୍ଦ୍ରନାଥ ଟାଗୋର ଆର୍‌ଏନ୍‌ୟୁ/ କଟକ୍

ଜାତୀୟ ସଂଗୀତ ରଚୟିତା ଆଉ ନୋବେଲ୍ ବିଜେତା ଗୁରୁ ରବୀନ୍ଦ୍ର ନାଥ୍ ଟାଗୋର୍‌ଙ୍କର୍ ଆଏଜ୍ ୮୫ ତମ ପୁଣ୍ୟତିଥି ପାଲନ୍ କରାଯାଉଛେ । ଇ ଅବ୍‌ସରେ ଦେଶ୍‌ବାସୀ ତାଙ୍କର୍ ସ୍ମୃତିଥି ଶ୍ରଦ୍ଧାଞ୍ଜଳି ଅର୍ପଣ୍ କରୁଛନ୍ । କୋଲ୍‌କାତାର୍ ଜୋରାସାଙ୍କୋ ଠାକୁରବାଡ଼ି ର ରବୀନ୍ଦ୍ରନାଥ ଟାଗୋରଙ୍କର୍ ପୈତୃକ ଘର୍ ଆଉ ଶାନ୍ତି ନିକେତନ୍ ଠାନେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯାଇଛେ । ମାନବବାଦୀ ଆଦର୍ଶ ଆଉ କଳାତ୍ମକ ପ୍ରତିଭା ଜରିଏ ସାଂସ୍କୃତିକ୍ ପରିଚୟକେ ଅଏତ୍‌କା ବର୍‌କସ୍ କର୍‌ବାର୍‌ଥି ଗୁରୁଦେବ ରବୀନ୍ଦ୍ର ନାଥ ଟାଗୋର୍‌ଙ୍କର୍ ଆଦର୍ଶ ନୂଆଁ ପିଢ଼ିକେ ପ୍ରେରଣା ଦଉଛେ ।

ମୋହନ ସୁନ୍ଦର ଜୟନ୍ତୀ          ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଆ ସିନ୍‌ମାର୍ ଜନକ ଆଉ ମହାନ୍ ନାଟ୍ୟକାର୍ ମୋହନ୍ ସୁନ୍ଦର୍ ଦେବ ଗୋସ୍ୱାମୀଙ୍କର୍ ଜୟନ୍ତୀଥି ରାଜ୍ୟବାସୀ ଶ୍ରଦ୍ଧାଞ୍ଜଳି ଜନଉଛନ୍ । ନିଜର୍ ଅସାଧାରଣ୍ ପ୍ରତିଭା ଆଉ କଳା ଲାଗି ସମର୍ପଣ ଜରିଏ ସେ ଓଡ଼ିଆ ଚଳଚ୍ଚିତ୍ର ଆଉ ସଂସ୍କୃତିକେ ସମୃଦ୍ଧ କରିଥିଲେ । ଓଡ଼ିଆ କଳା ଆଉ ସଂସ୍କୃତି ଲାଗି ତାଙ୍କର୍ ଅବଦାନ ସବୁ ଦିନ୍ ଲାଗି ସ୍ମରଣୀୟ ହେଇ ରହେବା ।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ୍ ସିଂହଦେଓ ଆଉ ପ୍ରଭାତୀ ପରିଡ଼ା ମୋହନ୍ ସୁନ୍ଦର୍ ଦେବ ଗୋସ୍ୱାମୀ ଜୟନ୍ତୀ ଅବ୍‌ସରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ ।

ହକି          ଆର୍‌ଏନ୍‌ୟୁ/ କଟକ୍

ହକି ଇଣ୍ଡିଆ ତର୍‌ଫୁ ପୁରୁଷ କନିଷ୍ଠ ଏସିଆ କପ୍-୨୦୨୬ ଲାଗି ୧୮ ଝନିଆ ଭାରତୀୟ ଦଲ୍ ଘୋଷ୍‌ନା କରାଯାଇଛେ । ଆଏବା ୩୦ ତାରିଖ୍‌ନୁ ଚୀନ୍‌ର ମୋକିଠାନେ ମୁଲ୍ ହେଉଥିବା

ପ୍ରତିଯୋଗିତା ଲାଗି ଘୋଷିତ୍ ତାଲିକାଥି ଓଡ଼ିଶାର୍ ୫ ଝନ୍ ଖେଲାଲି ଠାନ୍ ପାଇଛନ୍ । ଇତାର୍‌ଛଡ଼ା ବିକଳ୍ପ ଖେଲାଲୀ ଭାବେ ଓଡ଼ିଶାନୁ ଆଉ ଝନେ ଖେଲାଲିଙ୍କୁ ଭିଲ୍ ବଛାଯାଇଛେ ।

ପାଣିପାଗ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ଓଡ଼ିଶା ଆଉ ତାକେ ଲାଗିକରି ଥିବା ଗାଙ୍ଗେୟ ପଶ୍ଚିମବଙ୍ଗ୍ ଉପ୍‌ରେ ହେଇଥିବା ଘୂର୍ଣ୍ଣିବଳୟ ସକ୍ରିୟ ରହିଛେ । ଭୁବନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଦକ୍ଷିଣ ଗାଙ୍ଗେୟ ପଶ୍ଚିମବଙ୍ଗ ଆଉ ତାର୍ ପାଖର୍ ବାଂଲାଦେଶ୍ ଉପ୍‌ରେ ଇ ଲଘୁଚାପ୍ କ୍ଷେତ୍ର ସୃଷ୍ଟି ହେଇଛେ । ଇତାର୍ ପ୍ରଭାବ୍‌ଥି ଆଏବା ହପ୍ତାତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହେବା । ଆଏବା ୨୪ ଘଂଟା ଭିତ୍‌ରେ ଚଡ଼କ୍ ମାରିକରି ଜବର୍ ବର୍ଷା ହେବା ବଲି ସୁନ୍ଦର୍‌ଗଡ଼୍, ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା ଆଉ ବର୍‌ଗଡ଼୍ ଜିଲ୍ଲାକେ ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଇତାର୍‌ସହେତେ ବାକି ସବୁ ଜିଲ୍ଲା ନ ଚଡ଼କ୍ ମାରିକରି ବର୍ଷା ହେବାର୍ ସମ୍ଭାବନା ରହିଛେ ।

ସେଆଡ଼େ ଆଏବା ୧୨ ତାରିଖ୍ ଆଡ଼େ ଆଉ ଗୁଟେ ଲଘୁଚାପ୍ ହେବା ବଲି ଭାରତୀୟ ପାଣିପାଗ୍ ବିଭାଗ୍ ତର୍ଫୁ ଅନୁମାନ୍ କରାଯାଇଛେ ।